# ସାହିତ୍ୟ ସିନ୍ଧୁ

## (ଦଶମ ଶ୍ରେଣୀ)

ପ୍ରକାଶକ

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ସାହିତ୍ୟ ସିନ୍ଧୁ

## (ଦଶମ ଶ୍ରେଣୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ସଂପାଦନାମଣ୍ଡଳୀ :

**ଡ. ବାବାଜୀ ଚରଣ ପଟ୍ଟନାୟକ (ସମୀକ୍ଷକ)**

**ଡ. ବସନ୍ତ କୁମାର ପଣ୍ଡା**

**ଅରୁଣା ରାୟ**

**ଡ. ମୀନାକ୍ଷୀ ଦାସ**

**ଡ. ଗଣେଶ୍ୱର ସ୍ୱାଇଁ**

ସଂଯୋଜନା :

**ଡ. ସଞ୍ଜୁଲତା ପାତ୍ର**

ପ୍ରଥମ ସଂସ୍କରଣ :

୨୦୧୩

ଆର୍ଟପୁଲ :

**ଶ୍ରୀ ଜେରକ୍ସ ଆଣ୍ଡ ଅଫ୍‌ସେଟ**

**ବଜ୍ରକବାଟି ରୋଡ଼, କଟକ-୧**

**ମୁଦ୍ରଣ :**

**ମୂଲ୍ୟ : ଟ.**

# ଭୂମିକା

ସର୍ବଭାରତୀୟ ଶିକ୍ଷଣ ଧାରା ପରିପ୍ରେକ୍ଷୀରେ ଆମ ରାଜ୍ୟର ବିଦ୍ୟାଳୟ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଆଦିକୁ ସମତୁଲ ସ୍ତରକୁ ଉନ୍ନୀତ କରିବା ଉଦ୍ଦେଶ୍ୟରେ ସାଧାରଣତଃ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇଥାଏ । ଏତଦ୍‌ବ୍ୟତୀତ ଜାତୀୟ ପାଠ୍ୟକ୍ରମ ଆଧାର-୨୦୦୫ ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ଆଧାର-୨୦୦୭ ଅନୁସରଣରେ ମୁଖ୍ୟତଃ ଦଶମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ପ୍ରଥମ ଭାଷା ଓଡ଼ିଆ ପାଠ୍ୟପୁସ୍ତକଟି ପ୍ରସ୍ତୁତ ହୋଇଛି । ଭାଷାଜ୍ଞାନ ଆହରଣରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି, ମାତୃଭାଷା ପଠନରେ ଅନୁରାଗ ସୃଷ୍ଟି, ପ୍ରତିନିଧିସ୍ଥାନୀୟ କବି, ଲେଖକମାନଙ୍କର କୃତି ମାଧ୍ୟମରେ ମାନବୀୟ ମୂଲ୍ୟବୋଧଗୁଡ଼ିକର ଆକଳନ ଭଳି ଦିଗଗୁଡ଼ିକୁ ପ୍ରମୁଖ ଦୃଷ୍ଟିଦେଇ 'ସାହିତ୍ୟ ସିନ୍ଧୁ' ପୁସ୍ତକଟି ପ୍ରସ୍ତୁତ ହୋଇଛି । ଏହାର ସଂପାଦନା ମଣ୍ଡଳୀ, ସଂଯୋଜିକା ଏବଂ ସିଲାବସ୍ କମିଟିର ସଦସ୍ୟମାନଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜଣାଇବା ସହିତ ବିଷୟ ଶିକ୍ଷକ ତଥା ଅଭିଭାବକ, ପାଠକମାନଙ୍କ ସୁଚିନ୍ତିତ ପରାମର୍ଶ ଏବଂ ରଚନାତ୍ମକ ମତାମତକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ଆହ୍ୱାନ କରୁଛି ।

**ସଭାପତି**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ଆଦ୍ୟଭାଷ

ଜାତୀୟ ପାଠ୍ୟକ୍ରମ ଆଧାର -୨୦୦୫ ଓ ବିଦ୍ୟାଳୟ ପାଠ୍ୟକ୍ରମ ଆଧାର - ୨୦୦୭ରେ ଅନୁମୋଦିତ ନିୟମାନୁଯାୟୀ ଦଶମ ଶ୍ରେଣୀର ପ୍ରଥମ ଭାଷା ଓଡ଼ିଆର ବିଶଦ ପାଠ୍ୟ ନିମନ୍ତେ 'ସାହତ୍ୟ ସିନ୍ଧୁ' ପୁସ୍ତକଟି ପ୍ରସ୍ତୁତ ହୋଇଅଛି । ଶ୍ରେଣୀକକ୍ଷରେ ପାଠଦାନକୁ ସହଜ ଓ ଆକର୍ଷଣୀୟ କରିବା ଏବଂ ମାଧ୍ୟମିକ ସ୍ତରରେ ଭାଷାଶିକ୍ଷାର ପ୍ରଧାନ କୌଶଳ ପଠନ ଓ ଲିଖନରେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପାଠ୍ୟପୁସ୍ତକଟିକୁ ଶିକ୍ଷଣ କାର୍ଯ୍ୟଧାରାଭିତ୍ତିକ କରାଯାଇଛି । ଜାତୀୟ ଶିକ୍ଷାନୀତି ନିର୍ଦ୍ଦେଶିତ ମାନଦଣ୍ଡକୁ ଦୃଷ୍ଟିରେ ରଖି ସାମଗ୍ରିକ ଭାବେ ଓଡ଼ିଆ ସାହିତ୍ୟକୁ ପ୍ରତିନିଧିତ୍ୱ କରୁଥିବା କବି ଲେଖକମାନଙ୍କର ରଚନା ଚୟନ ଓ ସଂପାଦନା କରାଯାଇଛି । ଏ ସବୁ ପ୍ରସଙ୍ଗଗୁଡ଼ିକର ପାଠଦାନ ମାଧ୍ୟମରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କ ମନରେ ସାହିତ୍ୟାନୁରାଗ ଓ ମାତୃଭାଷା ପ୍ରୀତି ଉଦ୍ରେକ କରିପାରିବେ । ଛାତ୍ରଛାତ୍ରୀମାନଙ୍କର ଭାଷାରେ ଦକ୍ଷତା ଓ ସାହିତ୍ୟରେ ରସବୋଧ ଆନୟନ ଶିକ୍ଷକମାନଙ୍କର ସମୁଚିତ ଶିକ୍ଷାଦାନ ଦ୍ୱାରା ହିଁ ସମ୍ଭବ ହୋଇପାରିବ । ସେମାନେ ଏ ଦିଗରେ ଯଥାର୍ଥରୂପେ ଯତ୍ନବାନ ହେଲେ ଆମର ଶ୍ରମ ସାର୍ଥକ ହେବ ।

**ସଂପାଦନାମଣ୍ଡଳୀ**

# ସୂଚୀ


| ପ୍ରସଙ୍ଗ | କବି/ଲେଖକ | ପୃଷ୍ଠା |
|---|---|---|
| **ପଦ୍ୟ** | | |
| ୧. ମାନଗୋବିନ୍ଦଙ୍କ ମହାନତା | ସାରଳା ଦାସ | ୧ |
| ୨. ରାଘବଙ୍କ ଲଙ୍କା ଯାତ୍ରାନୁକୂଳ | ଉପେନ୍ଦ୍ର ଭଞ୍ଜ | ୬ |
| ୩. ଚିଲିକାରେ ସାୟନ୍ତନ | ରାଧାନାଥ ରାୟ | ୧୧ |
| ୪. ମଙ୍ଗଳେ ଅଇଲା ଉଷା | ଗଙ୍ଗାଧର ମେହେର | ୧୭ |
| ୫. ଜାଗ ବନ୍ଧନହରା | ଅନନ୍ତ ପଟ୍ଟନାୟକ | ୨୪ |
| ୬. ସର୍ବଂସହା ମାଟି | ବିଦ୍ୟୁତ୍ପ୍ରଭା ଦେବୀ | ୨୯ |
| **ଗଦ୍ୟ** | | |
| ୭. ଜନ୍ମଭୂମି | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୩୪ |
| ୮. ସଭ୍ୟତା ଓ ବିଜ୍ଞାନ | ବଂଶୀଧର ସାମନ୍ତରାୟ | ୪୩ |
| ୯. ମାତୃଭାଷା ଓ ଲୋକଶିକ୍ଷା | ଗୋଲୋକବିହାରୀ ଧଳ | ୫୨ |
| ୧୦. ନରେନ୍ଦ୍ରରୁ ବିବେକାନନ୍ଦ | ଶରତ କୁମାର ମହାନ୍ତି | ୬୧ |
| ୧୧. ଓଡ଼ିଆ ସାହିତ୍ୟ କଥା | ପ୍ରସ୍ତୁତି: ସିଲାବସ୍ କମିଟି | ୭୩ |
| **ଗଳ୍ପ** | | |
| ୧୨. କଳିଯୁଗର ସମାପ୍ତି ଏବଂ ମିଶ୍ରବାବୁ | ଭୁବନେଶ୍ୱର ବେହେରା | ୮୭ |
| ୧୩. କାଳର କପୋଳ ତଳେ | ନନ୍ଦିନୀ ଶତପଥୀ | ୯୪ |
| ୧୪. ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ | ରବି ପଟ୍ଟନାୟକ | ୧୦୦ |
| **ଏକାଙ୍କିକା** | | |
| ୧୫. ସୁର ସୁନ୍ଦରୀ | ସରଳା ଦେବୀ | ୧୦୯ |
| ୧୬. କୋଣାର୍କ | ଭଞ୍ଜକିଶୋର ପଟ୍ଟନାୟକ | ୧୨୫ |


❖❖❖

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନା କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।